## ଜଳିଗଲା ଭେରାଇଟ୍ ଷ୍ଟୋର

ଛତିଆ,(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଛକରେ ଥିବା ଜଗନ୍ନାଥ ଭେରାଇଟି ଷ୍ଟୋର ବୁଧବାର ରାତିରେ ନିଆଁ ଲାଗି ଜଳିଯାଇଛି। ଫଳରେ ଷ୍ଟୋରରେ ଥିବା ପ୍ରାୟ ୧୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ, ଉକ୍ତ ଛକରେ ଦୀର୍ଘ ବର୍ଷ ହେବ ସ୍ଥାନୀୟ ବିଦ୍ୟାଧରପୁର ଗ୍ରାମର ରଞ୍ଜିତ ନାଥ ଭେରାଇଟ୍ ଷ୍ଟୋର କରିଥିଲେ। ବିଳମ୍ବିତ ରାତିରେ ଉକ୍ତ ଦୋକାନ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ରଞ୍ଜିତଙ୍କୁ ଖବର ଦେଇଥିଲେ। ପରେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶ୍ରମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ନେଇ ରଞ୍ଜିତ ଛତିଆ ବିଟ୍ ହାଉସ୍ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକ ନିଖୋଜ

**ଧର୍ମଶାଳା,୧୫।୭(ଡି.ଏନ.ଏ.):** ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ନଦୀର ନୂଆସାହି ବନ୍ଧ ନିକଟ ଘାଟରେ ଜଣେ ଯୁବକ ବୁଡ଼ିଯାଇ ନିଖୋଜ ହୋଇ ଯାଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ ପକ୍ଷରୁ ଉଦ୍ୟମ ଜାରି ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ନିଖୋଜ ଯୁବକ ହେଲେ ରେଖିଦେଇପୁର ଗ୍ରାମର କାଳନ୍ଦୀ ରାଉତଙ୍କ ପୁଅ ରାକେଶ (୧୯)। ସେ ଓ ତାଙ୍କ ୨ ସାଙ୍ଗ ବୁଧବାର ରାତି ପ୍ରାୟ ୯ଟା ସମୟରେ ଶୌଚହେବାକୁ ଯାଇଥିଲେ। ଅସାବଧାନତାବଶତଃ ରାକେଶ ପାଣିରେ ବୁଡ଼ି ଯାଇଥିଲେ। ଏ ସମ୍ପର୍କରେ ତାଙ୍କର ଦୁଇ ସାଙ୍ଗ ଆସି ଗ୍ରାମାବାସୀଙ୍କୁ ଜଣାଇଥିଲେ। ପରେ ଚଢ଼େଇଧରା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ କୁଆଖିଆ ଅଗ୍ନିଶମ ବାହିନୀ ଓ ପରେ କଳିଙ୍ଗନଗରରୁ ଏକ ଓଡ୍ରାଫ୍ ଟିମ ପହଞ୍ଚି ଖୋଜାଖୋଜି କରିଛନ୍ତି। ହେଲେ ରାକେଶଙ୍କ ପତ୍ତା ପାଇନାହାନ୍ତି। ନିଖୋଜ ରାକେଶ ଧର୍ମଶାଳାର ଏକ ଘରୋଇ କଲେଜରେ ଯୁକ୍ତ ୩ରେ ପାଠ ପଢୁଥିଲେ।

### ଆକ୍ରମଣ ଘଟଣାରେ ଜଣେ ଗିରଫ

**ଧର୍ମଶାଳା,୧୫।୭(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ଚୋରମୁହାଁ ଗ୍ରାମରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଗୁଣମୂର୍ତ୍ତି ରାଓଙ୍କୁ ସେହି ଗ୍ରାମର ରାମଚନ୍ଦ୍ର ନାୟକ ଆକ୍ରମଣ କରିଥିଲେ। ଏନେଇ ଗୁଣମୂର୍ତ୍ତି ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ରାମଚନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଗୁଣମୂର୍ତ୍ତି ଗାଁ ନିକଟ ଏକ ଦୋକାନରେ ଚା' ପିଉଥିବା ବେଳେ କୌଣସି କାରଣରୁ ରାମଚନ୍ଦ୍ରଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରାମଚନ୍ଦ୍ର ଏକ ଠେଙ୍ଗାରେ ଗୁଣମୂର୍ତ୍ତିଙ୍କ ମୁଣ୍ଡକୁ ପିଟି ଫଟାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁଣମୂର୍ତ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୩୬୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପୋଖରୀରେ ବୁଡ଼ି ଜଣେ ମୃତ

**ଚଣ୍ଡିଖୋଲ,୧୫।୭(ଡି.ଏନ.ଏ.):** ବଡ଼ଚଣା ଥାନା କୁନ୍ଦଳ ଗ୍ରାମର ସୁଲଭ ସାହୁଙ୍କ ପୁଅ ସଞ୍ଜୟ ସାହୁ (୨୫) ଗୁରୁବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସଞ୍ଜୟ ନିଜ ଗ୍ରାମ ପୋଖରୀକୁ ଶୌଚ ହେବାକୁ ଯାଇଥିଲାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ପହଁରା ଜାଣି ନ ଥିବାରୁ ସେ ବୁଡ଼ି ଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଗ୍ରାମ ପୋଖରୀରୁ ମୃତଦେହ ଠାବ କରିଥିଲେ।

### ଚୋରା ଡିଜେଲ ଜବତ, ୩ ଗିରଫ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୫।୭ (ଡି.ଏନ.ଏ./ସ୍ୱ.ପ୍ର.):** ଚୋରା ତେଲ କ୍ରୟ ଓ ବିକ୍ରୟ କରୁଥିବା ୩ ବ୍ୟକ୍ତିଙ୍କୁ ବାଲିଚନ୍ଦ୍ରପୁର ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ୪୩୦ ଲିଟର ଚୋରା ଡିଜେଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ମକୁନ୍ଦପୁର ଗ୍ରାମର ମନୋରଞ୍ଜନ ପ୍ରଧାନ (ହୁଣ୍ଡା), ବଡ଼ଚଣା ଥାନା ଅରଖପୁର ଗ୍ରାମର ଜୟନ୍ତ ସିଂ ଓ ମାହାଙ୍ଗା ଥାନା କୋଳିଅଠା ଗ୍ରାମର ମାନସ ରାଉତ। ବାଲିଚନ୍ଦ୍ରପୁର ଥାନା ୫୩ ନଂ. ଜାତୀୟ ରାଜପଥର ଭାକୁଡ଼ ଛକ ନିକଟରେ ହୁଣ୍ଡା ଚୋରା ତେଲ ବେପାର କରୁଥିଲେ। ବୁଧବାର ରାତିରେ ସେ ଏକ ଅଟୋ ଯୋଗେ ୪୩୦ ଲିଟର ଡିଜେଲ ଭର୍ତ୍ତି କରି ଚାଲାଣ କରୁଥିବା ସମୟରେ ପୋଲିସ ଧରିଥିଲା। ହୁଣ୍ଡାଙ୍କ ନିକଟରୁ ଚୋରା ଡିଜେଲ କିଣୁଥିବା ଅଭିଯୋଗରେ ଜୟନ୍ତ ଓ ମାନସଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରେ ଥିବା ୧୨,୬୩୦ଟଙ୍କା ସମେତ ଅଟୋକୁ ପୋଲିସ ଜବତ କରିଥିଲା। ଏନେଇ ଥାନାରେ ମାମଲା (ନଂ.୨୦୩/୨୧) ରୁଜୁ ହୋଇଛି।

### ଖବରଦାତାଙ୍କ ଭ୍ରାତୃ ବିୟୋଗ

**ଚଣ୍ଡିଖୋଲ,୧୫।୭(ଡି.ଏନ.ଏ.):** ବଡ଼ଚଣା ଅଞ୍ଚଳର ଧରିତ୍ରୀ ଖବରଦାତା ଦିଲୀପ କୁମାର ମହାନ୍ତିଙ୍କ ସାନ ଭାଇ ଶାନ୍ତନୁ ମହାନ୍ତି (୫୭)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ବନ୍ଦାଲୋ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲାବେଳେ ପୁଅ ସ୍ୱରାଜ ମୁଖାଗ୍ନି ଦେଇଥିଲେ। ଶାନ୍ତନୁଙ୍କ ବିୟୋଗ ଖବର ପାଇ ବିଧାୟକ ଅମର ପ୍ରସାଦ ଶତପଥୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, ସମ୍ପାଦକ ପବିତ୍ର ସାମନ୍ତରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଆଇଏପି ଅନିୟମିତତାର ତଦନ୍ତ ନିର୍ଦ୍ଦେଶ

**ଅଭିଯୋଗର ୫ ବର୍ଷ ପରେ ପଦକ୍ଷେପ**

**ଯାଜପୁର ଅଫିସ,୧୫।୭**

ମାଓବାଦୀ ଉପଦ୍ରୁତ ଆଦିବାସୀ ତଥା ପଛୁଆ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୀତ ସମନ୍ୱିତ କାର୍ଯ୍ୟକ୍ରମ ଯୋଜନା ବା ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ (ଆଇଏପି) ଇତିମଧ୍ୟରେ ବନ୍ଦ ହୋଇଯାଇଛି । ତେବେ ଏହି ଯୋଜନାରେ ଯାଜପୁର ଜିଲାରେ ଆବଣ୍ଟିତ ବିପୁଳ ପରିମାଣ ଅର୍ଥର ଅନିୟମିତତା ଅଭିଯୋଗର ୫ ବର୍ଷ ପରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ବୁଧବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ଅକ୍ଷୟ କୁମାର ତ୍ରିପାଠୀଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ୨୦୧୬ ଜୁଲାଇ ୨୭ରେ ଆଇନଜୀବୀ ଉଦୟନାଥ ସାହୁ ଆଇଏପି ପାଣ୍ଠିର ଦୁରୁପଯୋଗ ହୋଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଗୃହ, ଅର୍ଥ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ, ଆଇଏପି ପାଣ୍ଠିର ଯଦି ଠିକ୍ ବିନିଯୋଗ କରାଯାଇଥାନ୍ତା, ତେବେ ନଗଡ଼ା ପରି ଅଞ୍ଚଳ ଅବହେଳିତ ହୋଇ ପଡ଼ି ରହି ନ ଥାଆନ୍ତା। ସେଠାକାର ଜୁଆଙ୍ଗମାନଙ୍କ କରୁଣ ଓ ବିକଳ ଚିତ୍ର ହୁଏତ ଦେଖିବାକୁ ମିଳି ନ ଥାଆନ୍ତା। ସେତେବେଳେ ୪ ଆର୍ଥିକ ବର୍ଷରେ ଯାଜପୁର ଜିଲାକୁ ଆଇଏପିରେ ୧୧୭ କୋଟି ୨୮ ଲକ୍ଷ ୨୩ ହଜାର ଟଙ୍କାର ଅନୁଦାନ ଆସିଥିଲା। ଏହି ଅନୁଦାନର ୬୫% ଅର୍ଥ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବ୍ୟୟ କରିବାକୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ରହିଥିଲା। ମାତ୍ର ଜିଲା ପ୍ରଶାସନ ତାହାକୁ ଅମାନ୍ୟ କରି ଯୋଜନାର ଅର୍ଥକୁ ଅଣବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବ୍ୟୟ କରି ଦିଆଯାଇଥିଲା। ସେତେବେଳେ ଜିଲାର କେବଳ ସୁକିନ୍ଦା ଓ ଦାନଗଦୀ ବ୍ଲକ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରହିଥିଲା । କିନ୍ତୁ ଏହି ଅନୁଦାନରୁ ସୁକିନ୍ଦା ବ୍ଲକରେ ମାତ୍ର ୨୬ କୋଟି ୪ ଲକ୍ଷ ୫ ହଜାର ଟଙ୍କା ଏବଂ ଦାନଗଦୀ ବ୍ଲକରେ ମାତ୍ର ୧୯ କୋଟି ୪ ଲକ୍ଷ ୨୧ ହଜାର ଟଙ୍କା ବ୍ୟୟ କରି ଅବଶିଷ୍ଟ ୬୧.୫୪% ଅର୍ଥ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମନଇଚ୍ଛା ଖର୍ଚ୍ଚ ହୋଇଥିଲା।

କେନ୍ଦ୍ରୀୟ ଅନୁଦାନର ଦୁରୁପଯୋଗ ହୋଇଥିବା ଦୃଷ୍ଟିରୁ ଏହାର ତଦନ୍ତ ସିବିଆଇ ପରି କୌଣସି ଏକ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା କରାଇବାକୁ ଆଇନଜୀବୀ ସାହୁ ଦରଖାସ୍ତ ମାଧ୍ୟମରେ ଦାବି କରିଥିଲେ। ଅନ୍ୟପକ୍ଷେ ସେହି ଅଭିଯୋଗର ଏକକିତା ନକଲ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ। ସେ ସଂକ୍ରାନ୍ତରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି, ଏଯାଏଁ ତାଙ୍କୁ କୌଣସି ସୂଚନା ମିଳି ନ ଥିବା ଆଇନଜୀବୀ ସାହୁ କହିଛନ୍ତି।

# ୩୦ ମିଟର ନୂଆ ମାଟିବନ୍ଧ ଅତଡ଼ା ଧସିଲା


ମହାକାଳପଡ଼ା ବ୍ଲକ୍ ରାମନଗର ପଞ୍ଚାୟତ ବାହାକୁଦ ଗାଁ ସଂଲଗ୍ନ ମହାନଦୀ ଲୁଣା ଘେରିବନ୍ଧ ଜୁଆର ମାଡ଼ରେ ଅତଡ଼ା ଖସିବାରେ ଲାଗିଛି।

- ସମୁଦ୍ର ଜୁଆର ମାଡ଼ରେ କୂଳ ଲଙ୍ଘୁଛି ମହାନଦୀ
- କାଜୁ ଜଙ୍ଗଲ ପ୍ରତି ବିପଦ

**ମହାକାଳପଡ଼ା,୧୫।୭(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଧୀନ ରାମନଗର ପଞ୍ଚାୟତ ବାହାକୁଦ ଗ୍ରାମ ସଂଲଗ୍ନ ମହାନଦୀର ସାମୁଦ୍ରିକ ଜୁଆର କୂଳ ଲଘିବାରେ ଲାଗିଛି। ଲୁଣା ଘେରିବନ୍ଧ, ଚଳିତବର୍ଷ ବାହାକୁଦ-ମହାନଦୀ ଫେରି ଘାଟଠାରୁ ୧ କିମି କାଜୁ ଜଙ୍ଗଲକୁ ଏକ ନୂତନ ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସାମୁଦ୍ରିକ ଜୁଆର ମାଡ଼ରେ ୩୦ ମିଟର ମାଟିବନ୍ଧ ଅତଡ଼ା ଧସିଥିବା ଦେଖିବାକୁ ମିଳିଛି। ଏଠାରେ ୨୫୦ ହେକ୍ଟରରୁ ଅଧିକ କାଜୁ ଜଙ୍ଗଲ ରହିଛି। କେତେଜଣ ଲୋକ ଏହି କାଜୁ ଜଙ୍ଗଲକୁ ବେଆଇନ ଭାବେ ଦଖଲ କରିଥିବା କୁହାଯାଏ। ଆଗାମୀ ଦିନରେ ଏହି ମାଟିବନ୍ଧରେ ପଥର ସ୍ତର କରା ନ ଗଲେ ସମୁଦ୍ର ଜୁଆର ମାଡ଼ରେ ବନ୍ଧ ଭୁଶୁଡ଼ିଯିବା ସହ କାଜୁ ଜଙ୍ଗଲ ଧ୍ୱଂସ ପାଇବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ତେବେ ୧ କିମି ଦୂର ବନ୍ତନାଶି କନ୍ଧା ପର୍ଯ୍ୟନ୍ତ ମାଟି ଓ ପଥର ବନ୍ଧ ନିର୍ମାଣ ପାଇଁ ଦାବି ଜୋର ଧରିଛି।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ସମବାୟ ସମିତି ଅଚଳ: ଚାଷୀ ପାଉନାହାନ୍ତି ଋଣ**

**ପଟ୍ଟାମୁଣ୍ଡାଇ, ୧୫।୭(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତି ମେ ୧୮ ଠାରୁ ଅଚଳ ଅବସ୍ଥାରେ ପଡ଼ିରହିଛି। ମେ'ରେ ସମିତିର ସମ୍ପାଦକ ଅକ୍ଷୟ ଦାସଙ୍କୁ ଅବସର ଆଦେଶ ଦିଆଯାଇଥିଲା। ସେ ସମିତିର ଡାଟାଏଣ୍ଟ୍ରି ଅପରେଟରଙ୍କୁ ଦାୟିତ୍ୱ ଦେଇ ଅବସର ନେଇ ସାରିଛନ୍ତି। କିନ୍ତୁ ସମିତି ଚଳାଇବାକୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ଅଚଳ ହୋଇରହିଛି। ଚଳିତ ଖରିଫ ଋଣ ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଉ ମାତ୍ର ୧୫ ଦିନ ମଧ୍ୟରେ ଶେଷ ହେବ। ହେଲେ ପଟ୍ଟାମୁଣ୍ଡାଇ ସମବାୟ ସମିତିରେ ଚାଷୀମାନଙ୍କୁ ଗୋଟିଏ ଟଙ୍କା ମଧ୍ୟ ଋଣ ଦିଆଯାଇନାହିଁ। ଅପରପକ୍ଷେ ଦାୟିତ୍ୱରେ ଥିବା ଡାଟାଏଣ୍ଟ୍ରି ଅପରେଟରଙ୍କୁ ବିଭାଗୀୟ ସାହାଯ୍ୟ ସହଯୋଗ ମିଳୁ ନ ଥିବାରୁ ସମିତିରେ ଋଣ ଦେଣନେଣ କାର୍ଯ୍ୟ ୨ ମାସ ଧରି ବନ୍ଦ ରହିଛି। ଫଳରେ ଚାଷୀମାନେ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଜୁଲାଇରେ ମଧ୍ୟ ସମିତିର ପୂର୍ବତନ ପରିଚାଳନା ପରିଷଦ ବୈଠକ ବସି ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମିତିକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଚାଷୀମାନଙ୍କ ସ୍ୱାର୍ଥସାଧନ ପାଇଁ ସମିତି କାର୍ଯ୍ୟ ନ କଲେ ଚାଷୀମାନଙ୍କର ଯାହା କ୍ଷତି ହେବ, ସେଥିପାଇଁ ପ୍ରଶାସନିକ ଅଧିକାରୀ ଦାୟୀ ରହିବେ ବୋଲି ସଭ୍ୟାସଭ୍ୟମାନେ କହିଛନ୍ତି। ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭ୍ୟାସଭ୍ୟମାନେ ସମିତି ପ୍ରଶାସକଙ୍କୁ ସତର୍କ କରାଇ ଦେଇଛନ୍ତି। ସଭ୍ୟ ବ୍ରଜବନ୍ଧୁ ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅଭିରାମ ସାହୁ, ଅକ୍ଷୟ କୁମାର ବିଶ୍ୱାଳ, ଚନ୍ଦ୍ରଶେଖର ରାଉତ, ଦିଲୀପ କୁମାର ମହାନ୍ତି, ପ୍ରଫୁଲ୍ଲ ବିହାରୀ, ଗୋଲେଖ ଚନ୍ଦ୍ର ଦାସ, ପ୍ରମୋଦ ସାହୁ, ଅବିନାଶ ଲେଙ୍କା, ଧୀରେନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ପୋଲିସର ଧିମା ତଦନ୍ତକୁ ବିରୋଧ


ଧର୍ମରକ୍ଷା ସେନା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ବାବୁଲିଙ୍କୁ ଗୁଳିମାଡ଼ ଉଦ୍ୟମ ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୧୫।୭**

ଧର୍ମରକ୍ଷା ସେନା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ର ଦୁଇବର୍ଷ ପରେ ବୁଧବାର ପୁଣି ଥରେ ଆକ୍ରମଣ ଉଦ୍ୟମ କରାଯାଇଛି। ଜିଲା ପୋଲିସ ପ୍ରଶାସନ ଏହି ମାମଲାରେ ଧିମା ତଦନ୍ତ କରୁଥିବାରୁ ଦୁର୍ବୃତ୍ତମାନେ ଏପରି ଉଦ୍ୟମ କରୁଛନ୍ତି ବୋଲି ଧର୍ମରକ୍ଷା ସେନା କର୍ମକର୍ତ୍ତାମାନେ ଗୁରୁବାର କହିଛନ୍ତି। ତିନିମୁହାଣୀସ୍ଥିତ ରାମମନ୍ଦିର ପରିସରରେ ଧର୍ମରକ୍ଷା ସେନା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବପ୍ରାନ୍ତ ପ୍ରମୁଖ ଉମେଶ ଦାସ ଯୋଗଦେଇ କହିଥିଲେ, ସେନାର ଆବାହକ ବାବୁଲି କିଛିବର୍ଷ ଧରି ହିନ୍ଦୁ ସଂସ୍କୃତିର ଉତ୍ଥାନ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କୁ ଦୁର୍ବୃତ୍ତମାନେ ବାରମ୍ବାର ଟାର୍ଗେଟ କରିବା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଇବର୍ଷ ମଧ୍ୟରେ ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ନିକଟରେ ଜିଲା ପୋଲିସ ପହଞ୍ଚ ପାରୁନାହିଁ। ଯେଉଁମାନଙ୍କୁ ଗୁଳିମାଡ଼ ଘଟଣାରେ ଗିରଫ କରାଯାଇଥିଲା, ପରବର୍ତ୍ତୀ ସମୟରେ ସେମାନେ ଜାମିନରେ ଆସିଛନ୍ତି। ସେହିପରି ଓଡ଼ିଶାରେ ଜମାତ୍ ଜେହାଦୀ ଓ ସ୍ଲିପର ସେଲର ବୃଦ୍ଧି ପାଉଥିବା ନେଇ ଖବର ପ୍ରକାଶ ପରେ ବାବୁଲିଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଗୁଳିମାଡ଼ ମାମଲାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଇନଶୃଙ୍ଖଳା ପରିସ୍ଥିତି କେନ୍ଦ୍ରାପଡ଼ା ଜିଲାରେ ସୃଷ୍ଟି ହୋଇପାରେ ବୋଲି ସମ୍ମିଳନୀରେ ସୂଚନାଦାତାମାନେ ମତ ଦେଇଛନ୍ତି। ଏଥିରେ ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ବାନାମ୍ବର ସାହୁ, ସମ୍ପାଦକ ବୀରେନ୍ଦ୍ର ସାମଲ, ଧର୍ମରକ୍ଷା ସେନା କର୍ମକର୍ତ୍ତା ଶଶାଙ୍କଶେଖର ଜେନା, ମାଧବ ଚନ୍ଦ୍ର ପ୍ରଧାନ, ଗୋଲେଖ ଚନ୍ଦ୍ର ପ୍ରଧାନ, ପ୍ରସନ୍ନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଚଣ୍ଡିଖୋଲ,୧୫।୭(ଡି.ଏନ.ଏ.)**

ବଡ଼ଚଣା ଥାନା କୁନ୍ଦଳ ଗ୍ରାମରେ ୭ ବର୍ଷ ତଳେ ବିବାହ କରିଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ବାପଘର ଲୋକେ ହତ୍ୟା ଅଭିଯୋଗ କରିବା ପରେ ଚଣ୍ଡିଖୋଲ ଫାଣ୍ଡି ପୋଲିସ ମାମଲା (ନଂ.୨୭୨/୨୧) ରୁଜୁ କରିବା ସହ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ବୈରୀ ଥାନା ସାଇଲୋପଡ଼ା ଗ୍ରାମର ଯଦୁମଣୀ ନାୟକଙ୍କ ଝିଅ ସୁବାସିନୀ କୁନ୍ଦଳ ଗ୍ରାମର ସୁନାକର ଦଳେଇଙ୍କ ପୁଅ ରତିକାନ୍ତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସୁବାସିନୀଙ୍କ ପରିବାର ଯୌତୁକ ଆକାରରେ ୫୦ ହଜାର ଟଙ୍କା ସମେତ ଆସବାବପତ୍ର ଦେଇଥିଲେ। ମାତ୍ର ପରେ ଶାଶୁଘର ଲୋକ ଅଧିକ ଯୌତୁକ ଦାବି କରୁଥିଲେ। ଏଥିପାଇଁ ବାରମ୍ବାର ସୁବାସିନୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ତାଙ୍କ ବାପା ଯଦୁମଣି ଅଭିଯୋଗ କରିଛନ୍ତି। ୧୨ ତାରିଖରେ ଝିଅକୁ ଶାଶୁ ଘର ଲୋକ ବିଷ ପିଆଇ ଦେଇଥିଲେ। ସୁବାସିନୀଙ୍କୁ ପ୍ରଥମେ ବଡ଼ଚଣା ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ବୁଧବାର ଯଦୁମଣି ଚଣ୍ଡିଖୋଲ ଫାଣ୍ଡିରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ରତିକାନ୍ତଙ୍କୁ ଗିରଫ କରିବା ସହ ଯୌତୁକ ସାମଗ୍ରୀ ଜବତ କରି ଯଦୁମଣିଙ୍କୁ ହସ୍ତାନ୍ତର କରିଛନ୍ତି।

# ନାବାଳିକା ବିବାହ ନେଇ ଥାନାରେ ଅଭିଯୋଗ

**ଦଶରଥପୁର,୧୫।୭(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ଚଞ୍ଚକତା କରି ବିବାହ କରାଯାଉଥିବା ଜଣାପଡ଼ିବା ପରେ ଜିଲା ଚାଇଲ୍ଡଲାଇନ କର୍ମଚାରୀ ଓ ପୋଲିସ ପହଞ୍ଚି ବିବାହକୁ ବନ୍ଦ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପୁଣି ସମ୍ପୃକ୍ତ ନାବାଳିକାଙ୍କ ବିବାହ କରାଯାଇଛି। ଏନେଇ ଦଶରଥପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଞ୍ଜୁଳା ରଥ ମଙ୍ଗଳପୁର ଥାନାରେ ନାବାଳିକାଙ୍କ ବାପାମା'ଙ୍କ ସମେତ ବିବାହ କରିଥିବା ଯୁବକ ଏବଂ ତାଙ୍କ ଅଭିଭାବକଙ୍କ ବିରୋଧରେ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ତାଙ୍କ ଅଭିଯୋଗ ମୁତାବକ, ୧୪ ତାରିଖ ପୂର୍ବାହ୍ନ ୧୧ ଟାରେ ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ବାରତଙ୍ଗା ଅଞ୍ଚଳରେ ରହୁଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହିତ ବିବାହ ପାଇଁ ବାରତଙ୍ଗା ଅଞ୍ଚଳର ଏକ ମନ୍ଦିରରେ ପ୍ରସ୍ତୁତି ହୋଇଥିଲା। ବିବାହ କାର୍ଯ୍ୟକ୍ରମକୁ ପ୍ରାୟ ୧୦୦ରୁ ଅଧିକ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା। କୋଭିଡ୍ ସମୟରେ ଗାଁରେ ଏଭଳି ବିବାହ କାର୍ଯ୍ୟକ୍ରମକୁ ନେଇ ଗ୍ରାମବାସୀ ଖୋଳତାଡ କରିବାରୁ ସେଠାରେ ଜଣେ ନାବାଳିକାଙ୍କ ବିବାହ ହେଉଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଚାଇଲ୍ଡ ଲାଇନ କର୍ମଚାରୀ ଓ ମଙ୍ଗଳପୁର ଏସ୍‌ଆଇ ହରିସ୍ ସିଂ ବିବାହ ସ୍ଥଳରେ ପହଞ୍ଚିଥିଲେ। ବିବାହ ବନ୍ଦ ରଖିବାକୁ ଆୟୋଜକ ସହମତି ଦେବା ପରେ ଚାଇଲ୍ଡ ଲାଇନ କର୍ମଚାରୀ ଓ ପୋଲିସ ଫେରି ଆସିଥିଲେ। ମାତ୍ର ବିଳମ୍ବିତ ରାତିରେ ପୁଣି ନାବାଳିକାଙ୍କ ବିବାହ କରାଯାଇଥିବା ଗୁରୁବାର ସୂଚନା ମିଳିଥିଲା।

# ଅଭିଯୋଗକାରୀଙ୍କୁ ଧମକାଉଛନ୍ତି ତହସିଲ କର୍ମଚାରୀ

**ସାମାଜିକ ଗଣମାଧ୍ୟମରେ ଅଡିଓ ଭାଇରାଲ**

**ବରୀ,୧୫।୭(ଡି.ଏନ.ଏ.)**

ବରୀ ତହସିଲ ଅଞ୍ଚଳର ବିଭିନ୍ନ ଘାଟରୁ ଏବେ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଚୋରାଚାଲାଣ ହେଉଛି। ତେବେ ତହସିଲ ପ୍ରଶାସନ ଏଥିରେ ରୋକ୍ ଲଗାଇବା ବଦଳରେ ସହଯୋଗ କରୁଥିବା ନେଇ ଅଭିଯୋଗ ହୋଇଛି। ମାଫିଆ ବିଭିନ୍ନ ନଦୀବନ୍ଧକୁ ବେଆଇନ ଭାବେ କାଟି ସେହି ନଦୀରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବାଲି ଉଠାଉଛନ୍ତି। ଏହି ମର୍ମରେ ସ୍ଥାନୀୟ ଏରଡା ଘାଟରୁ ବେଆଇନ ବାଲି ଉଠାଣ ହେଉଥିବା ବେଳେ ସ୍ଥାନୀୟ ଜଣେ ବ୍ୟକ୍ତି ଅତିରିକ୍ତ ତହସିଲଦାରଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ମାତ୍ର ତହସିଲର ଦୁଇ କର୍ମଚାରୀ ଓଲଟା ଅଭିଯୋଗକାରୀଙ୍କୁ ଫୋନ୍‌ଯୋଗେ ଧମକ ଦେଇଛନ୍ତି। ଏ ସମ୍ପର୍କିତ ଏକ ଅଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ସରକାରଙ୍କ ତରଫରୁ ନଦୀ ବନ୍ଧକୁ ସୁରକ୍ଷିତ ରଖିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବାଲି ମାଫିଆ ନଦୀ ବନ୍ଧକୁ କାଟିବା ଘଟଣା କିଭଳି ଜଳସମ୍ପଦ ବିଭାଗ ନଜରକୁ ଆସୁନାହିଁ ତାହା ମଧ୍ୟ ଚର୍ଚ୍ଚାର କାରଣ ପାଲଟିଛି। ଅନ୍ୟପକ୍ଷରେ ତହସିଲ କର୍ମଚାରୀଙ୍କ ଏପରି ଧମକ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଘଟଣାର ତଦନ୍ତ କରାଯାଇ ଯେଉଁମାନେ ଏପରି ଧମକ ଦେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଭାନୁମତି ମାଝି କହିଛନ୍ତି, ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଅଡିଓ ବିଷୟରେ ସେ ଅବଗତ ଅଛନ୍ତି। ଏରଡ଼ାଠାରେ କୌଣସି ବାଲିଘାଟ ନାହିଁ। ମିଥ୍ୟା ଅଭିଯୋଗ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହାପରେ ଯାହାକିଛି ପଦକ୍ଷେପ ନିଆଯିବ।

# ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ଆରମ୍ଭ

- ଜମି ମାଲିକଙ୍କ ଆଧାର କାର୍ଡ, ପଟ୍ଟା ବାଧ୍ୟତାମୂଳକ
- ଚାଷୀ ମହଲରେ ଅସନ୍ତୋଷ

**ନାଉଗାଁ,୧୫।୭(ସ୍ୱ.ପ୍ର)**

ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଗୁରୁବାର ଠାରୁ ଆରମ୍ଭ ହୋଇଛି। ୧୬ ଅଗଷ୍ଟ ୨୦୨୧ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକର ୬ ସମବାୟ ସମିତି ମାଧ୍ୟମରେ ଧାନ ବିକ୍ରି ନିମନ୍ତେ ସ୍ଥିର କରାଯାଇଛି। ଏନେଇ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଉଛି। ମାତ୍ର ଏଥିପାଇଁ ଚାଷ ଜମିର ପଟ୍ଟା ସହ ଏହାର ମାଲିକାନା ଥିବା ବ୍ୟକ୍ତିଙ୍କ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଚାଷୀ ନିରଞ୍ଜନ ସାହୁ, ନବ କିଶୋର ମହାନ୍ତି, ନବ ନିର୍ମାଣ କୃଷକ ସଙ୍ଗଠନର ସହ ସଂଯୋଜକ ଅଶୋକ ସ୍ୱାଇଁ ,କୈଳାସ ପରିଡା କହିଛନ୍ତି, ୨୦୧୩ରେ ଆଧାର କାର୍ଡ ଆରମ୍ଭ ହୋଇଥିଲା। ତା'ପୂର୍ବରୁ ଯେଉଁ ଜମିମାଲିକମାନେ ମୃତ୍ୟୁବରଣ କରିଛନ୍ତି ଏପର୍ଯ୍ୟନ୍ତ ତାଙ୍କ ଜମିର ଉତ୍ତରାଧିକାରୀଙ୍କ ନାମ ସଂଶୋଧନ ହୋଇନାହିଁ। ଫଳରେ ଉକ୍ତ ଚାଷୀ ଆଧାର କେଉଁଠାରୁ ଆଣିବ। ସମ୍ପୃକ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେବେ। ସରକାରଙ୍କର ଏହା ଚାଷୀ ମାରଣ ନୀତି ବୋଲି ସେମାନେ କହିଛନ୍ତି। ଏହାସହ ଜମିର ଉତ୍ତରାଧିକାରୀଙ୍କ ନାମ ସଂଶୋଧନ ପରେ ମାଲିକାନା ସମସ୍ତ ସନ୍ତାନସନ୍ତତିଙ୍କ ନାମରେ ରହିବ। ଏଭଳିସ୍ଥିତିରେ ନାମ ପଞ୍ଜୀକରଣ ସମୟରେ କେତେଜଣଙ୍କ ଆଧାର ପ୍ରଦାନ କରିବ ତାହା ସ୍ପଷ୍ଟ କରାଯାଇ ନାହିଁ। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ବିଶ୍ୱନାଥ କେରେକେଟ୍ଟା କହିଛନ୍ତି, ଚାଷୀଙ୍କ ସମସ୍ୟା ବିଷୟରେ ବିଭାଗୀୟ ମୁଖ୍ୟ ସଚିବଙ୍କୁ ଚିଠି ମାଧ୍ୟମରେ ଜଣାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ଉତ୍ତର ଆସିନାହିଁ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**କେନ୍ଦ୍ରାପଡ଼ା ଅଫିସ, ୧୫।୭**

ତୈଳ ଦର ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳ ପକ୍ଷରୁ କେନ୍ଦ୍ରାପଡ଼ା ସହରର ତିନିମୁହାଣୀଠାରେ ଗୁରୁବାର ରାସ୍ତାରୋକୋ ହୋଇଥିଲା। ଫଳରେ ଗାଡିମୋଟର ଯାତାୟାତ ବନ୍ଦ ରହିଥିଲା। ଏ ସମ୍ପର୍କରେ ସିଆଇଆଇ (ଏମ୍) ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାର ତୈଳ ଓ ରନ୍ଧନ ଗ୍ୟାସ ମୂଲ୍ୟ ଲଗାତାର ବୃଦ୍ଧି କରିଛନ୍ତି। ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷି, ଯାତ୍ରୀ, ସାମଗ୍ରୀ ପରିବହନ ଉପରେ ପ୍ରଭାବ ପଡ଼ିଛି। ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ହୋଇଛି। ଦରବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ଏକ ବୋଝ ହୋଇଛି। କେନ୍ଦ୍ର ସରକାର ରାଜକୋଷ ନିଅଣ୍ଟକୁ ଆଳ କରିଥିବା ବେଳେ ଉଡାଜାହାଜ ଇନ୍ଧନ ଏବେ ଲିଟର ପ୍ରତି ୬୧.୩୦ ଟଙ୍କାରେ ସୀମିତ ରଖିଛନ୍ତି। ଦରବୃଦ୍ଧି କମା ନ ଗଲେ ଏହି ଆନ୍ଦୋଳନ ଆଗକୁ ଜୋରଦାର ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିରେ ବାମପନ୍ଥୀ ଦଳଙ୍କ ସହ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଯୋଗ ଦେଇଥିଲା। ବନ୍ଦ ପାଳନରେ କଂଗ୍ରେସର ପୂର୍ବତନ


କେନ୍ଦ୍ରାପଡ଼ା ସହରର ତିନିମୁହାଣୀଠାରେ ରାସ୍ତାରୋକୋ କରାଯାଇଛି।

ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସିପିଆଇର ରମଣୀ ରଞ୍ଜନ ରାଉତରାୟ, ସିଆଇଟିୟୁର ଜଗତ ଜୀବନ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରେ ବନ୍ଦ ପାଳନରେ କଂଗ୍ରେସ ଦଳିତ ସେଲ ଅଧକ୍ଷ ସର୍ବେଶ୍ୱର ସେଠୀ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବାମପନ୍ଥୀ ଦଳ ନେତା ଅଭୟ ଦାସ ପ୍ରମୁଖ ନେତା ଓ କର୍ମୀ ଯୋଗ ଦେଇଥିଲେ।

**ଯାଜପୁର ଅଫିସ:** ତୈଳ ଦର ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳ ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିଥିଲା। ଫଳରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମଗ୍ର ଯାଜପୁର ଜିଲା ବନ୍ଦ ରହିଥିଲା। ଏହାର ପ୍ରଭାବରେ ଯାଜପୁର ସହର ସମେତ ବ୍ୟାସନଗର, ଚଣ୍ଡିଖୋଲ, ପାଣିକୋଇଲି, ରସୁଲପୁର, ଧର୍ମଶାଳା ଆଦି ଗ୍ରାମାଞ୍ଚଳରେ ସ୍ୱାଭାବିକ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା। ବନ୍ଦ ସୂଚନା ପାଇ ନ ଥିବା ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସିଥିବା ଲୋକେ ହଇରାଣ ହୋଇଥିଲେ। ଏଥିଯୋଗୁ ଯାଜପୁର ରୋଡ ଷ୍ଟେଶନରେ ଟ୍ରେନ ଚଳାଚଳ ସାମାନ୍ୟ ବ୍ୟାହତ ହୋଇଥିଲା। ଯାଜପୁର ରୋଡ-ବ୍ୟାସନଗର ଅଣସଂଗଠିତ ଶ୍ରମିକ କଂଗ୍ରେସ, ଆଇଏନ୍‌ଟିୟୁସି, ସିଆଇଟିୟୁ, ସିପିଏମ୍ ଓ କଂଗ୍ରେସ ଦଳ ପକ୍ଷରୁ ମିଳିତ ଭାବେ ଗୋପବନ୍ଧୁ ଛକଠାରେ ଏକତ୍ରିତ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଅଣସଙ୍ଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଯାଜପୁର ରୋଡ ରେଳଷ୍ଟେଶନ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ବ୍ୟାସନଗର କଂଗ୍ରେସ କମିଟି ସଭାପତି ଦିଲୀପ ମଲ୍ଲିକ, ଅଣସଂଗଠିତ ଶ୍ରମିକ କଂଗ୍ରେସର ଜିଲା ସଂଯୋଜକ ପରମାନନ୍ଦ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ପାଣିକୋଇଲି ଟୋଲ ପ୍ଲାଜାଠାରେ ସିପିଏମ୍, କଂଗ୍ରେସ ଅଣସଙ୍ଗଠିତ ଶ୍ରମିକଙ୍କ ପକ୍ଷରୁ ରାଜପଥରେ ଗାଡି ଚଳାଚଳ ସମେତ ବିଭିନ୍ନ ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା ।

**ଜଗତ୍‌ସିଂହପୁର ଅଫିସ:** ତୈଳ ଦର ବୃଦ୍ଧି ପ୍ରତିବାଦରେ ଜଗତ୍‌ସିଂହପୁର ଥାନା ଛକରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଶାଖା ସଙ୍ଗଠକ ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ପ୍ରଦୀପ୍ତ ଓଝା, ସରୋଜ ଦାସ, ଗଗନ ସ୍ୱାଇଁ ଓ ବୈକୁଣ୍ଠ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଓ ସମର୍ଥକ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ସେହିପରି ନାଉଗାଁର କୋକିଡିହ, କୁଜଙ୍ଗର କଟକ-ପାରାଦୀପ ରାସ୍ତାରେ, ବିରଡିର ପୁରଣଠାରେ ବନ୍ଦ ପାଳନ କରାଯାଇଥିଲା।

# ହାଇକୋର୍ଟଙ୍କ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଆବେଦନ: ଶୁଣାଣି ଆଜି**

ନୂଆଦିଲ୍ଲୀ, ୧୫।୭

ନୟାଗଡ଼ ଯଦୁପୁର ଗ୍ରାମର ୫ବର୍ଷୀୟା ଶିଶୁ କନ୍ୟା ପରୀ ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ଶୁଣାଣି ଗୁରୁବାର ହୋଇଛି। ବିଚାରପତି ଏ.ଏମ୍. ଖାନ୍‌ୱିଲକର ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଉକ୍ତ ମାମଲାରେ ପୂର୍ବରୁ ଓଡ଼ିଶା ହାଇକୋର୍ଟ ଦେଇଥିବା ୨ଟି ରାୟର ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏହାର ଶୁଣାଣି ହେବ।

ପରୀଙ୍କ ମା' ସୌଦାମିନୀ ସାହୁଙ୍କ ପାଇଁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମହେଶ ଜେଠମାଲାନୀ ଶୁଣାଣି ସମୟରେ ଏହା ଏକ ଅଙ୍ଗ ଚାଲାଣ ଅଥବା ବଳାତ୍କାର ଓ ହତ୍ୟା ସମ୍ବନ୍ଧିତ ମାମଲା ବୋଲି ପ୍ରଶ୍ନ କରିଥିଲେ। ଏପରି କି ଏହା ବଳାତ୍କାର ଓ



ହତ୍ୟା ମାମଲାର ତଥ୍ୟ ସହ ମେଳ ଖାଉ ନ ଥିବା କହିଥିଲେ। ଆବେଦନକାରିଣୀ ସାହୁ ଉକ୍ତ ମାମଲାର ସିବିଆଇ ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏହାସହ ରାଜ୍ୟରେ ନିଖୋଜ ଥିବା ସମସ୍ତ ଶିଶୁଙ୍କ ମାମଲାର ସିବିଆଇ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଆବେଦନ କରିଛନ୍ତି। ରାଜ୍ୟରେ ଅଙ୍ଗ ଚୋରାଚାଲାଣ ବ୍ୟାପକ ହେଉଥିବାରୁ ତାଙ୍କ ଝିଅକୁ ହତ୍ୟା କରାଯାଇଛି। ପରୀକୁ ଅପହରଣ ଓ ହତ୍ୟା କରାଯାଇଥିବା ଅଭିଯୋଗ ସତ୍ତ୍ୱେ ପରିବାର ଲୋକଙ୍କୁ ସ୍ଥାନୀୟ ପୋଲିସ ଅପରାଧୀ ଭଳି ବ୍ୟବହାର କରୁଛି। ଘଟଣାର ପ୍ରାଥମିକ ତଦନ୍ତ ପୋଲିସ, କ୍ରାଇମବ୍ରାଞ୍ଚ ଓ ଏସ୍ଆଇଟି ଦ୍ୱାରା କରାଯାଇଛି। ସମସ୍ତେ ତଦନ୍ତ ପ୍ରକ୍ରିୟାକୁ ବାଟବଣା କରିବାକୁ ଚେଷ୍ଟା କରିବା ସହ ଅଭିଯୋଗକାରୀ ଏବଂ ତାଙ୍କ ପରିବାର ଲୋକଙ୍କ ଉପରେ ଚାପ ପକାଇ ଏହାକୁ ମିଥ୍ୟା ଏବଂ କପୋଳକଳ୍ପିତ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏସ୍ଆଇଟିଙ୍କ ତଦନ୍ତ ଉପରେ ଭରସା ନ କରି ଘଟଣାର ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟରେ ସୌଦାମିନୀ ଆବେଦନ କରିଛନ୍ତି।

ପ୍ରକାଶ ଯେ, ଗତ ବର୍ଷ ଜୁଲାଇ ୧୪ରେ ପରୀଙ୍କୁ ଘର ନିକଟରେ ଖେଳୁଥିବା ଅପହରଣ କରାଯାଇଥିଲା। ଏହାର ୧୦ଦିନ ତାଙ୍କ ଘର ପଛପଟ ବାଡ଼ିରୁ ଏକ ଅଖା ବସ୍ତାରେ ଭର୍ତ୍ତି ପରୀଙ୍କ ମୃତଦେହ ଠାବ କରାଯାଇଥିଲା। ଏନେଇ ପରିବାର ବର୍ଗ ବାବୁଲି ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅଭିଯୋଗକାରୀଙ୍କୁ ହଇରାଣ କରିଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟରେ ୨ଟି ପିଟିଶନ ଦାୟର ହୋଇଥିଲା। ଗୋଟିଏ ଆବେଦନ ପରୀଙ୍କ ବାପା କରିଥିବାବେଳେ ଅନ୍ୟଟି ଏକ ସାମାଜିକ ସଂଗଠନ ପକ୍ଷରୁ କରାଯାଇଥିଲା। ହେଲେ ପରୀଙ୍କ ମା'ଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ବିଚାରାଧୀନ ଥିବା ଦର୍ଶାଇ ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

## ସଂକ୍ଷେପରେ

### ୭୫ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୧୫।୭:** ନୟାଗଡ଼ ଜିଲାରେ ୨୧ ଦିନରେ ୬୮ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଆଉ ୭୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭାପୁର ବ୍ଲକରେ ୨, ଦଶପଲ୍ଲା ବ୍ଲକରେ ୪, ଗଣିଆ ବ୍ଲକରେ ୧, ଖଣ୍ଡପଡ଼ା ବ୍ଲକରେ ୯, ନୟାଗଡ଼ ବ୍ଲକରେ ୧୦, ନୂଆଗାଁ ବ୍ଲକରେ ୯, ଓଡ଼ଗାଁ ବ୍ଲକ ୧୫, ରଣପୁର ବ୍ଲକ ୧୦, ନୟାଗଡ଼ ପୌରାଞ୍ଚଳରେ ୧୪ଜଣ ଅଛନ୍ତି। ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ ହଜାର ୬୦୧ରେ ପହଞ୍ଚିଛି। ସୂଚନାଯୋଗ୍ୟ, ପ୍ରଥମ ଓ ୨ ଲହରରେ ନୟାଗଡ଼ ଜିଲାରୁ ଆଜି ସୁଦ୍ଧା ୧୩୩ ଜଣଙ୍କ ଜୀବନଦୀପ ଲିଭି ସାରିଛି।

### ମା'ବାପାଙ୍କୁ ଆକ୍ରମଣ ଘଟଣା
### ଆହତ ବାପା ଆଖି ବୁଜିଲେ

**ନୟାଗଡ଼ ଅଫିସ,୧୫।୭:** ପୁଅର ଆକ୍ରମଣରେ ଆହତ ହୋଇଥିବା ବାପା ଉତ୍ସବ ନାହାକ(୭୪)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସମ୍ପତ୍ତି ପାଇଁ ଏହି ଘଟଣା ଘଟିଥିଲା। ବରପଲ୍ଲିର ଜ୍ଞାନେନ୍ଦ୍ର ନାହାକ(୩୨) ଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିଲା ଜାମିନ ନାମଞ୍ଜୁର ପରେ ଜ୍ଞାନେନ୍ଦ୍ରଙ୍କୁ ନୟାଗଡ ସବଜେଲକୁ ପଠାଯାଇଥିଲା। ସୋମବାର ଅପରାହ୍ନରେ ସମ୍ପତ୍ତି ବିବାଦକୁ ନେଇ ମା'ବାପାଙ୍କୁ ପୁଅ ଜ୍ଞାନେନ୍ଦ୍ର କଟୁରିରେ ହାଣି ଫେରାର ହୋଇ ଯାଇଥିଲା। ବାପା ଉତ୍ସବ ନାହାକ(୭୪) ଓ ସାବଜ ମା'ସତ୍ୟଭାମା(୩୦)ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ପୋଲିସ କଟୁରୀ ଜବତ କରିବା ସହ ୧୦୮/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘରକୁ ବାପା ମା ଫେରିଥିଲେ ମଧ୍ୟ ଗୁରୁବାର ଉତ୍ସବ ପ୍ରାଣ ହରାଇଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ନୟାଗଡ଼ ଅଫିସ,୧୫।୭:** ନୟାଗଡ଼ ଜିଲା ରଣପୁର ବ୍ଲକ ମଝିଆଖଣ୍ଡ ଗାଁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଈଶ୍ୱର ବିଶୋଇଙ୍କ ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ସେ ମଝିଆଖଣ୍ଡ ଗ୍ରାମରେ ୧୧ନଭେମ୍ବର ୧୯୨୧ରେ ଜନ୍ମ ଗ୍ରହଣ କରିଥିଲେ। ୧୯୪୩ରେ ଈଶ୍ୱର ଆଜାଦହିନ୍ଦ୍ ଫୌଜରେ ଯୋଗ ଦେଇଥିଲେ। ୧୯୪୫ ମେ ୬ରେ ତାଙ୍କୁ ବନ୍ଦୀ କରି ଇଂରେଜ ସରକାର ରେଙ୍ଗୁନ୍ ଜେଲରେ ରଖିଥିଲେ। ପରେ ରେଙ୍ଗୁନ୍ ସେଣ୍ଟ୍ରାଲ ଜେଲରେ ୧୧ମାସ ବନ୍ଦୀ ଜୀବନ କାଟିଥିଲେ। ୧୯୪୬ ଏପ୍ରିଲ ୨୭ରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା। ୨୦୧୫ ଓ ୨୦୧୮ ରେ ସେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଗତବର୍ଷ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କ୍ରାନ୍ତି ଦିବସ ଅବସରରେ ତାଙ୍କୁ ରାଷ୍ଟ୍ରପତି ପ୍ରଦତ୍ତ ମାନପତ୍ର ତାଙ୍କ ବାସଭବନରେ ପ୍ରଦାନ କରାଯାଇଥିଲା। ତାଙ୍କ ବିୟୋଗରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଶୋକ ପ୍ରକାଶ କରିଛନ୍ତି।

### ଗାଡ଼ି ଧକ୍କାରେ ସ୍କୁଟି ଚାଳକ ମୃତ

**ନୟାଗଡ ଅଫିସ,୧୫।୭:** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନରେ ଏକ ଗାଡି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରପଲୀର ଧନେଶ୍ୱର ପ୍ରଧାନ(୫୫)। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପକେଟରୁ କେବଳ ୨୦ ଟଙ୍କା ମିଳିଥିଲା। ସେ କିଏ ଜଣାପଡି ନ ଥିଲା। ତେବେ ପରିଚୟ ଜଣା ପଡିଲା ବେଳକୁ ବହୁ ଡେରି ହୋଇ ଯାଇଥିଲା। ରେଫର କରାଯିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

### ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୧୫।୭(ସ୍ୱ.ପ୍ର.):** ଖଣ୍ଡପଡ଼ା କୋଭିଡ୍ କେନ୍ଦ୍ରରେ କର୍ତ୍ତବ୍ୟରତ କରୋନା ଯୋଦ୍ଧାମାନଙ୍କୁ ନେଇ ଆସନ୍ତା ଶନିବାର ସ୍ଥାନୀୟ ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କୋଭିଡ୍ କେନ୍ଦ୍ରର ମୁଖ୍ୟ ଡା.ପ୍ରଦୀପ କୁମାର ପାଇକରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଶିବିର ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।

# ସେବା ଉତ୍ସବ ଉଦ୍‌ଘାଟିତ



ସେବା ସମିତି ପକ୍ଷରୁ ବସ୍ତ୍ର ଓ ମାସ୍କ ବଣ୍ଟନ କରାଯାଉଛି।

ନୟାଗଡ଼ ଅଫିସ,୧୫।୭

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ୧୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜିଲାବ୍ୟାପୀ ସେବା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଗରିବ ଓ ଅସହାୟ ଲୋକଙ୍କୁ ବସ୍ତ୍ର ଓ ମାସ୍କ ବଣ୍ଟନ କରାଯାଇଛି। ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦାମୋଦର ସାହୁ, ଇଟାମାଟି ସରପଞ୍ଚ ଭାଗୀରଥି ସାହୁ, ସାମାଜିକ କର୍ମୀ ପରମେଶ୍ୱର ସାହୁ, ନରେନ୍ଦ୍ର ବେହେରା, ଶିବଶଙ୍କର ମହାନ୍ତି, ଜ୍ୟୋତିରଞ୍ଜନ ମହାପାତ୍ର, ଆଲୋକ ବରାଡ଼, ସୋମେଶ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ନୟାଗଡ଼ ବ୍ଲକରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜିଲାର ସମସ୍ତ ବ୍ଲକରେ ଆସନ୍ତା ୨୫ତାରିଖ ଯାଏ କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ନୀଳମାଧବ ମନ୍ଦିର ପିଣ୍ଡି କାନ୍ଥରେ ଫାଟ

ଖଣ୍ଡପଡ଼ା,୧୫।୭(ସ୍ୱ.ପ୍ର.)

- ଦାୟିତ୍ୱରେ ଥିବା ଅଧିକାରୀଙ୍କ ସାକ୍ଷାତ ମିଳୁନି
- ଚିନ୍ତାରେ ଶ୍ରଦ୍ଧାଳୁ ଓ ମନ୍ଦିର କର୍ତ୍ତୃପକ୍ଷ

ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମିଳିଥିବା ଅନୁଦାନ ଅର୍ଥରେ କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିରର ମରାମତି କାମ ଗତ ୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ସେହି ଅର୍ଥରେ ନିର୍ମାଣ ହେଉଥିବା ଏକ ନୂତନ ପିଣ୍ଡି କାନ୍ଥରେ ଫାଟ ସୃଷ୍ଟି ହୋଇଥିବାରୁ ତା'ର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମ ସରିବାର ୧୫ ଦିନ ପରେ ସେହି କାନ୍ଥରେ ଫାଟ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ସେଥିପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଦିନକୁ ଦିନ ସେହି ଫାଟ ବଢ଼ି ଚାଲିଛି। କେଉଁ ମୁହୂର୍ତ୍ତରେ ସେହି କାନ୍ଥ ଟଳି ପଡ଼ିବ ବୋଲି ଶ୍ରଦ୍ଧାଳୁମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଦ୍ୱାଦଶ ଶତାବ୍ଦୀର ଏହି ମନ୍ଦିର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହେବାରେ ଲାଗିଛି। ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଅନେକ ସ୍ଥାନ ଭାଙ୍ଗି ନଷ୍ଟ ହେବାକୁ ବସିଛି।



ନୂଆ ପିଣ୍ଡି କାନ୍ଥରେ ସୃଷ୍ଟି ହୋଇଥିବା ଫାଟ।

ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ମରାମତି ଆରମ୍ଭ ହୋଇଥିଲା। ଭୁବନେଶ୍ୱରର ଇନ୍‌ଟାକ ନାମକ ଏକ ସଂସ୍ଥା ଦ୍ୱାରା ମରାମତି ଓ ନୂତନ କାମ ସମ୍ପନ୍ନ କରାଯାଇଥିଲା। ସେହି ଟଙ୍କାରେ ନୀଳମାଧବ ଜୀଉଙ୍କ ପଶ୍ଚିମ ଦ୍ୱାର ନିକଟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ନୂତନ ପିଣ୍ଡି(ମଣ୍ଡପ) ୨୦୧୫ ଏପ୍ରିଲରେ ନିର୍ମାଣ ହୋଇଥିଲା। ସେତେବେଳେ ଅସମ୍ପୂର୍ଣ୍ଣ ପିଣ୍ଡିର କାନ୍ଥରେ ଫାଟ ସୃଷ୍ଟି ହେବାରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ନୂଆ ପିଣ୍ଡିରେ ବାଲି ଭର୍ତ୍ତି କରି ପାଣି ଦେବାରୁ ବାଡଟି ଫାଟି ଯାଇଛି। ଭବିଷ୍ୟତରେ ତାହା ବିପଦ ସୃଷ୍ଟି କରିବ ନାହିଁ ବୋଲି କହିଥିଲେ। ଆଜି ପର୍ଯ୍ୟନ୍ତ ସେହି କାମ ଅସମ୍ପୂର୍ଣ୍ଣ ରହିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆଉ ଦେଖା ମିଳୁନି। ପୂର୍ବରୁ ଫାଟ ସୃଷ୍ଟି ହୋଇଥିବା କାନ୍ଥଟି ଏବେ ଅଧିକରୁ ଅଧିକ ଫାଟି ଚାଲିଛି। ପିଣ୍ଡିର ଭାର ଯୋଗୁ ନିକଟରେ ଥିବା ପାହାଚକୁ ମଧ୍ୟ ଫଟାଇ ଚାଲିଛି। ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥସାରଥି ହାଁସଦାଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଗତ ୨ମାସ ପୂର୍ବେ ଲିଖିତ ଭାବେ ଅବଗତ କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସଂପୃକ୍ତ ଅଧିକାରୀ କହିଛନ୍ତି। କରୋନା କଟକଣା ଯୋଗୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଘଟିଛି। ପୁନର୍ବାର ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

# ଘରୋଇ ସ୍କୁଲରୁ ଟିସି ନ ନେଇ ସରକାରୀ ସ୍କୁଲରେ ନାମଲେଖା

ଓଡ଼ଗାଁ,୧୫।୭ (ସ୍ୱ.ପ୍ର.)

କରୋନା କଟକଣା ଯୋଗୁ ମାର୍ଚ୍ଚ ୨୦୨୦ରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ହେଲେ ଘରୋଇ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ସ୍କୁଲ ଫି ଦେବାକୁ ବାଧ୍ୟ ହେଉଛନ୍ତି। କରୋନା କଟକଣା ବେଳେ ଏପରି ସ୍କୁଲ ଫି ଆଦାୟ ଅଭିଭାବକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ସେମାନେ ଘରୋଇ ସ୍କୁଲ ଫି ବାବଦ ଦେୟ ନ ଦେଇ ବିନା ଟିସିରେ ସରକାରୀ ସ୍କୁଲରେ ନିଜ ପିଲାଙ୍କ ନାମ ଲେଖାଉଥିବା ଖବର ମିଳିଛି। ହେଲେ ଏହାକୁ ଓଡ଼ଗାଁ ବ୍ଲକ ଘରୋଇ ବିଦ୍ୟାଳୟ ସଂଘ ବିରୋଧ କରିଛି। ବିନା ଟିସିରେ ସରକାରୀ ସ୍କୁଲରେ ନାମ ଲେଖା ବନ୍ଦ କରିବାକୁ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ସରକାରୀ ନିୟମ ତଥା ଶିକ୍ଷା ଅଧିକାର ନିୟମାନୁସାରେ ନାମଲେଖା ଚାଲିଥିବା ବିଇଓ ଗୀତାଞ୍ଜଳି ସାହୁ ସୂଚନା ଦେଇଛନ୍ତି। ଏନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ନୟାଗଡ଼ରୁ ଅଟକ ଅଭିଯୁକ୍ତ ଗୁରୁତର

ନୟାଗଡ଼ ଅଫିସ,୧୫।୭

**ରାଉରକେଲା ଠକେଇ ଘଟଣା**

ରାଉରକେଲା ବଣାଇ ଥାନା ଅଞ୍ଚଳରେ ଘଟିଥିବା ଏକ ଠକେଇ ଘଟଣାରେ ଯାଜପୁରରୋଡର କଳିଙ୍ଗ ଗୌର ପରିଡା(୩୮) ନାମକ ଜଣେ ଯୁବକଙ୍କୁ ଶରଣକୁଳ ଥାନା ପୋଲିସ ଅଟକ ରଖି ପଚରାଉଚୁରା କରୁଥିଲା। ହେଲେ ବୁଧବାର ରାତିରେ କଳିଙ୍ଗ ଗୁରୁତର ହୋଇପଡ଼ିବାରୁ ପୋଲିସ ତାଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। କଳିଙ୍ଗ କିପରି ଗୁରୁତର ହେଲେ ତାହା ଜଣାପଡିନାହିଁ। କିନ୍ତୁ ପୋଲିସ ମାରପିଟ୍ କରିଥିବା ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷେ ତଥ୍ୟ ହାସଲ କରିବାକୁ ପୋଲିସ ଥାର୍ଡ ଡିଗ୍ରୀ ଆପଣେଇଛି ବୋଲି ଅଭିଯୋଗ ହୋଇଛି।

ଗତ କିଛିଦିନ ତଳେ କଳିଙ୍ଗଙ୍କୁ ଶରଣକୁଳ ଥାନା ଗୋଡିପଡା ବଜାରରେ ଦେଖିବାକୁ ମିଳିଥିଲା। ଗୋଡିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଏକ ଦୋକାନରୁ ସେ ପଇଡ ଓ ମୃଦୁ ପାନୀୟ ପିଇଥିଲେ। ସେ ମାଲକାନାଗିରିରେ ସିଆରପିଏଫ୍ ଭାବେ ଚାକିରି କରିଥିବା ଦୋକାନୀଙ୍କୁ କହିଥିଲେ। ତେବେ ଗୋଡିପଡାରେ ସନ୍ଧ୍ୟା ହୋଇଯିବାରୁ ରହିବାକୁ ଅସୁବିଧା ଦର୍ଶାଇ ରାତିଟା ପାଇଁ ରହିଯିବାକୁ ଦୋକାନ ଘର ମାଲିକଙ୍କୁ ଅନୁରୋଧ କରିଥିଲେ। ତା'ପରେ ସେଠାରେ ରାତିରେ ରହି ସକାଳୁ ଚାଲି ଯାଇଥିଲେ। ମଙ୍ଗଳବାର ପୁଣି ସେ ଗୋଡିପଡା ଆସି ସଂପୃକ୍ତ ଦୋକାନୀକୁ ଧନ୍ୟବାଦ ଜଣାଇ ଭାଇର ବାହାଘରକୁ ଯିବାକୁ ନିମନ୍ତ୍ରଣ କରିଥିଲେ। ଏଭଳିସ୍ଥଳେ ପୋଲିସ କଳିଙ୍ଗଙ୍କୁ କାବୁ କରି ନିଜ ହେପାଜତକୁ ନେଇଥିଲା। ଏନେଇ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ କୁହନ୍ତି, ରାଉରକେଲା ବଣାଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଠକେଇ କରିଥିବା ଅଭିଯୋଗରେ ଯାଜପୁରରୋଡର କଳିଙ୍ଗଙ୍କୁ ଅଟକ ରଖାଯାଇଛି। ସେ ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ମଧ୍ୟ ସୁସ୍ଥ ଅଛନ୍ତି। ଏନେଇ ବଣାଇ ଥାନା ପୋଲିସକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ଧାରଣାରେ ବସିଲେ ବ୍ଲକ୍ ଅଧ୍ୟକ୍ଷା, ସମର୍ଥକ

ନୟାଗଡ଼ ଅଫିସ,୧୫।୭

- ଉପାଧ୍ୟକ୍ଷଙ୍କ କବ୍‌ଜାରୁ ସରକାରୀ କାର୍ଯ୍ୟାଳୟ ମୁକ୍ତ କରିବାକୁ ଦାବି
- ୨ ସ୍ୱତନ୍ତ୍ର କାର୍ଯ୍ୟାଳୟ ପାଇଁ ପ୍ରତିଶ୍ରୁତି ଦେଲେ ଉପଜିଲାପାଳ

ନୟାଗଡ଼ ଜିଲା ଭାପୁର ବ୍ଲକରେ ଉପାଧ୍ୟକ୍ଷଙ୍କ ନାଁରେ ଥାନାରେ ଅଭିଯୋଗ ଓ ଅଧ୍ୟକ୍ଷାଙ୍କର ନାଁରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ ପରେ ରାଜନୈତିକ ପାଣିପାଗ ଚଳଚଞ୍ଚଳ ରହିଛି। ଏଭଳିସ୍ଥଳେ ଉପାଧ୍ୟକ୍ଷଙ୍କ କବ୍‌ଜାରୁ ବ୍ଲକ ଅଧ୍ୟକ୍ଷାଙ୍କ ସରକାରୀ କାର୍ଯ୍ୟାଳୟ ହଟାଇବା ଦାବି ନେଇ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଓ ତାଙ୍କ ସମର୍ଥକମାନେ ଗୁରୁବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଉପଜିଲାପାଳ ପହଞ୍ଚି ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ପାଇଁ ୨ ସ୍ୱତନ୍ତ୍ର କାର୍ଯ୍ୟାଳୟ ଯୋଗାଇ ଦେବାର ପ୍ରତିଶ୍ରୁତି ପରେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଧାରଣା ଅପରାହ୍ନ ୪ଟାରେ ହଟିଥିଲା। ଭାପୁର ବ୍ଲକରେ ଥିବା ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟକୁ ଉପାଧ୍ୟକ୍ଷ ଗୟାଧର ପରିଡା ନିଜ କବ୍‌ଜାରେ ରଖିଥିବା ଅଧ୍ୟକ୍ଷ ଶାନ୍ତିଲତା ବେହେରା ଅଭିଯୋଗ କରିଥିଲେ। ଏନେଇ ଫତେଗଡ ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ଗୁରୁବାର ନିଜ କାର୍ଯ୍ୟାଳୟକୁ ଆସି ଅଧ୍ୟକ୍ଷା ବସିବାକୁ ଚାହିଁଥିଲେ। ହେଲେ ତାଙ୍କୁ ଉପାଧ୍ୟକ୍ଷଙ୍କ ସମର୍ଥକ ମାନେ କୁଆଡେ ବସିବାକୁ ଦେଇ ନ ଥିଲେ। ଏନେଇ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ବିବାଦ ପରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ପାଇଁ ନୂଆ କାର୍ଯ୍ୟାଳୟ କରାଯିବ। ଏନେଇ ଉଭୟଙ୍କୁ ତୁରନ୍ତ ନୂଆ କାର୍ଯ୍ୟାଳୟ ଯୋଗାଇ ଦିଆଯିବ। ପୁରୁଣା କାର୍ଯ୍ୟାଳୟ ଉଭୟଙ୍କ ପାଇଁ ବନ୍ଦ ରହିଲା ବୋଲି ସେ କହିଛନ୍ତି।

### ନୟାଗଡ଼ ୬ଘଣ୍ଟା ବନ୍ଦ

ନୟାଗଡ଼ ଅଫିସ,୧୫।୭

ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ୬ ଘଣ୍ଟିଆ ଓଡିଶା ବନ୍ଦ ନୟାଗଡ଼ ଜିଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, ବିଦ୍ୟୁତ୍ ଶୁଳ୍କ ସହିତ ଆକାଶଛୁଆଁ ଦରବୃଦ୍ଧିର ପ୍ରତିବାଦରେ ଗୁରୁବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନୟାଗଡ଼ ଟ୍ରାଫିକ ଛକରେ ଆନ୍ଦୋଳନ ହୋଇଥିଲା। ଦୋକାନ ବଜାର ବନ୍ଦ ସହ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସିପିଆଇଏମ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, କୃଷକ ସଭାର ଜିଲା ସଭାପତି ଗୋଲକ ବିହାରି ମୁଦୁଲି, ଏସୟୁସିଆଇ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ସିପିଆଇଏମ ନେତା ଆଇନଜୀବୀ ଅମୀୟ ପଟ୍ଟନାୟକ ଆନ୍ଦୋଳନରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ନୀଳମାଧବ ମନ୍ଦିରର ୨ ସେବାୟତ ପଜିଟିଭ୍ ଚିହ୍ନଟ

ଖଣ୍ଡପଡ଼ା,୧୫।୭ (ସ୍ୱ.ପ୍ର.)

କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଗୁରୁବାର ନୀଳମାଧବ ମନ୍ଦିର ପୂଜକ ସମାଜର ୯୧ ଜଣ ସେବାୟତଙ୍କ ଆଣ୍ଟିଜେନ୍ ଟେଷ୍ଟ ସ୍ଥାନୀୟ ନାଘ ଆଖଡ଼ା ଗୃହ ପରିସରରେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ସେବାୟତଙ୍କ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ଟିକାକରଣ ଅଧିକାରୀ ଡାକ୍ତର ଅଭିସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ନୟାଗଡ଼ ଜିଲା ଚିକିତ୍ସାଳୟର ସ୍ୱତନ୍ତ୍ର ଟିମ୍ ପୂଜକମାନଙ୍କ କରୋନା ଟେଷ୍ଟ କରିଥିଲେ।



ସେବାୟତମାନଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି।

# ଭ୍ରୂଣ ହତ୍ୟା, ବାଲ୍ୟ ବିବାହକୁ ନେଇ ଚିନ୍ତା

## ବଦଳୁ ନାହିଁ ଲୋକଙ୍କ ମାନସିକତା

ନୟାଗଡ଼ ଅଫିସ,୧୫।୭

କନ୍ୟା ଭ୍ରୂଣ ହତ୍ୟା ଓ ବାଲ୍ୟ ବିବାହକୁ ନେଇ ଚିନ୍ତା ବଢ଼ିଛି। ନୟାଗଡ଼ ଜିଲାରେ ଏହାକୁ ରୋକା ଯାଇପାରୁନାହିଁ। ଏଥିପାଇଁ ଜନ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ଚାଲିଛି। ଲକ୍ଷାଧିକ ଟଙ୍କା ଅନୁଦାନରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଛି। ପୁଣି ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା ସୃଷ୍ଟି କରାଯାଉଛି। ଏହା ପରେ ବି ୨୦୨୧ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ଏହି ଜିଲାରେ ୫୬ ବାଲ୍ୟ ବିବାହକୁ ପ୍ରଶାସନ ରୋକିବାକୁ ସଫଳ ହୋଇଛି। ସେହିପରି କନ୍ୟା ଭ୍ରୂଣ ହତ୍ୟା ବଢ଼ି ଚାଲିଛି। ଝିଅ ବୋଝ ନୁହେଁ ଏଭଳି ବାର୍ତ୍ତା ଲୋକଙ୍କ ମାନସିକତାକୁ ବଦଳାଇ ପାରୁନାହିଁ। ଏହାର କାରଣ ଖୋଜିବା ଉପରେ ବିଭିନ୍ନ ସ୍ତରରେ ଗୁରୁତ୍ୱାରୋପ କରାଯାଇଛି।

### ଜୁଲାଇ ୧୪କୁ ଭୁଲି ହେଉନି

୨୦୦୭ ଜୁଲାଇ ୧୪ରେ ନୟାଗଡ଼ର ଡୁବୁରୀ ପାହାଡ ପାଦଦେଶରୁ ୬ଟି ଅପରିପକ୍ୱ ଶିଶୁର ମୃତଦେହ ମିଳିଥିଲା। ଏହାପରେ ନୟାଗଡ଼ ଭ୍ରୂଣହତ୍ୟା ଚର୍ଚ୍ଚାକୁ ଆସିଥିଲା। ଏହାର ଅର୍ଥ ନୁହେଁ କେବଳ ନୟାଗଡ଼ରେ ଭ୍ରୂଣହତ୍ୟା ହେଉଥିଲା, ଅନ୍ୟ ଜିଲାରେ ହେଉ ନ ଥିଲା। ଏହାକୁ କେହି ପ୍ରମୁଖ ଘଟଣା ଦର୍ଶାଇ ଆଗକୁ ଆଣୁ ନ ଥିଲେ। ନୟାଗଡ଼ ଜିଲା ଏପରି ଘଟଣାକୁ ଲୋକଲୋଚନକୁ ଆଣି ପାରିଥିଲା। ଭ୍ରୂଣ ହତ୍ୟା ପରେ ପିସି ପିଏନ୍‌ଡିଟି ଆଇନ କଡାକଡି କରାଗଲା। ୨୦୧୧ ଜନଗଣନା ଅନୁସାରେ କନ୍ୟାଭ୍ରୂଣ ହତ୍ୟାରେ ନୟାଗଡ଼ ଜିଲା ପ୍ରଥମ ସ୍ଥାନରେ ଅଛି। ବାଲ୍ୟ ବିବାହ କ୍ଷେତ୍ରରେ ନୟାଗଡ଼ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ଏହି ୨ ପ୍ରସଙ୍ଗକୁ ନେଇ ଅଯଥାରେ ନୟାଗଡ଼ ଜିଲାକୁ ବଦନାମ କରାଯାଉଛି ବୋଲି ବହୁ ଲୋକ ମତବ୍ୟକ୍ତ କରିଛନ୍ତି।

### ପୁତ୍ର ମୋହ ତୁଟୁନି

ପୁରୁଷ ହେଉ କି ନାରୀ ପୁତ୍ର ମୋହ ସେମାନେ ଛାଡ଼ିପାରୁ ନାହାନ୍ତି। ଏଣୁ ଲୁଚାଛପାରେ ଚାଲିଛି କନ୍ୟାଭ୍ରୂଣ ହତ୍ୟା। କେବଳ ନୟାଗଡ଼ ଜିଲାରେ ଆଇନକୁ କଡାକଡି କରିଦେଲେ ଏହାର ସମାଧାନ ହୋଇଯିବ ବୋଲି ଯେଉଁ ଆଶା କରାଯାଉଛି ତାହା ଭୁଲ। ନୟାଗଡ଼ର ମହିଳାମାନେ ଭୁବନେଶ୍ୱର ଯାଇ ସେଠାରେ ଭ୍ରୂଣକୁ ହତ୍ୟା କରି ଆସୁଛନ୍ତି। ଭ୍ରୂଣହତ୍ୟା ପାଇଁ ଭୁବନେଶ୍ୱରରେ ଭ୍ରାମ୍ୟମାଣ ଗାଡି ବୁଲୁଥିବା ଜଣେ କହିଛନ୍ତି। ସୂଚନା ଅନୁସାରେ ସଂପୃକ୍ତ ମହିଳା ଭ୍ରାମ୍ୟମାଣ ଗାଡିର ଆଶ୍ରୟ ନେଇଥିଲେ। ତାଙ୍କର ୩ ଝିଅ ଥିଲା। ପୁଅଟିଏ ପାଇଁ ଆଶା ରଖିଥିଲେ। ହେଲେ ଟେଷ୍ଟରେ ପୁଅ ଥିବା ଜଣାପଡିବା ପରେ ଗର୍ଭ ନଷ୍ଟ କଲେ ନାହିଁ। ଏଥିପାଇଁ ତାଙ୍କୁ ୧୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଲା। ଏହିଭଳି କେତେଜଣ ମହିଳା ଭୁବନେଶ୍ୱର ଯାଇ ଝିଅ ଥିବା ଜଣାପଡିଲେ ଗର୍ଭ ନଷ୍ଟ କରୁଛନ୍ତି ବୋଲି ସେ କହିଛନ୍ତି। ସ୍ଥିତି ଏପରି ହେଉଛି ମା'ର ଇଚ୍ଛା ନ ଥିଲେ ବି ପରିବାର କଥା ଭାବି ସେ ଭ୍ରୂଣ ହତ୍ୟା କରିବାକୁ ବାଧ୍ୟ ହେଉଛି।

ଏନେଇ ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ କୁହନ୍ତି, ମା' ପେଟରେ ଝିଅ ଥିଲେ ତାକୁ ହତ୍ୟା କରାଯାଉଛି। ଜନ୍ମ ହେଲେ ପୁଅ ପରି ତାକୁ ବଞ୍ଚିବାକୁ ଦିଆଯାଉନି। ବିବାହକୁ ବୋଝ ଭାବି ବୟସ ହୋଇ ନ ଥିଲେ ମଧ୍ୟ ନାବାଳିକାଙ୍କୁ ବାହାଘର କରି ଦିଆଯାଉଛି। ପୁଅ ଯେହେତୁ ଉତ୍ତରାଧିକାରୀ ଝିଅ ପାଇଁ କେହି ଚିନ୍ତା କରୁନାହାନ୍ତି। ମାନସିକତାରେ ପରିବର୍ତ୍ତନ ନ ଆସିଲେ ଭ୍ରୂଣହତ୍ୟା ଓ ନାବାଳିକା ବିବାହକୁ ରୋକିବା କାଠିକର ପାଠ ହୋଇପଡିବ ବୋଲି ସେ କହିଛନ୍ତି।